# Akashvani, Sambalpur

# SAMBALPURI NEWS MORNING BULLETIN

# 7 March 2026 - 6.47- 6.52 am.

---

ଅମିତ୍ ଶାହା          ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ଗୃହ ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ୩ ହଜାର୍ ୨ ଶହ ୭୫ କୋଟିନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପ ମାନ୍‌କର୍ ଶୁଭାରମ୍ଭ ସହେତେ ଓଡ଼ିଶା ସମବାୟ ନୀତି ୨୦୨୬ କାର୍ଯ୍ୟକାରିତାର୍ ଭିଲ୍ ଶୁଭାରମ୍ଭ କରାଯାଇଛେ । ଇତାର୍‌ସହେତେ ୧ ହଜାର୍ ୫ ଶହ ୬୬ ପେକ୍ସର ସାଧାରଣ ସେବା କେନ୍ଦ୍ର, ରାଜ୍ୟର୍ ୨୦ ଟା ଜିଲ୍ଲା ନ ସାଇବର୍ କ୍ରାଇମ୍ ଆଉ ଅର୍ଥନୈତିକ୍ ଅପରାଧ୍ ଥାନା ଆଉ ୨୪ ଟା ନୂଆଁ ପୁଲିସ୍ ଥାନାର୍ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଲୋକାର୍ପଣ୍ କରିଛନ୍ ।

ମୋବାଇଲ୍ ଫରେନ୍‌ସିକ୍ ଭେନ          ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ସର୍କାର୍‌ଙ୍କର୍ ତର୍‌ଫୁ ଫରେନ୍‌ସିକ୍ ପୂର୍ବାଧାର୍‌କେ ବର୍‌କସ୍ କର୍‌ବାର୍‌କେ ରାଜ୍ୟ ଲାଗି ୩୬ ଟା ମୋବାଇଲ୍ ଫରେନ୍‌ସିକ୍ ଭେନ୍ ଅନୁମୋଦିତ୍ ହେଇଛେ । ଇ ଭେନ୍ ସବୁ ଆଧୁନିକ୍ ଫରେନ୍‌ସିକ୍ କିଟ୍ ଆଉ ଉନ୍ନତ୍ ବୈଜ୍ଞାନିକ୍ ଉପକରଣ୍ ସହେତେ ଘଟ୍‌ନାସ୍ଥଲ୍ ନ ସିଧାସଲଖ୍ ବୈଜ୍ଞାନିକ୍ ପରୀକ୍ଷା କର୍‌ବାର୍‌ଥି ସାହାଜ୍ କର୍‌ବା । ପହେଲା ଖେପେ ୧୫ ଟା ମୋବାଇଲ୍ ଫରେନ୍‌ସିକ୍ ଭେନ୍‌କେ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗ୍ ଅତିରିକ୍ତ ଶାସନ୍ ସଚିବ ହେମନ୍ତ ଶର୍ମା, ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ପ୍ରମୁଖ ଉପସ୍ଥିତ୍ ଥିଲେ ।

ନ୍ୟାୟ ସଂହିତା ପ୍ରଦର୍ଶନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଁ ଅପରାଧୀକ୍ ଆଇନ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଓଡ଼ିଶା ପୁଲିସ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ

ପଡ଼ିଆ ନ ନ୍ୟାୟ ସଂହିତା ପ୍ରଦର୍ଶନୀ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଛେ । ଇ ପ୍ରଦର୍ଶନୀ ଆଏଜ୍‌ଠାନୁ ୧୦ ତାରିଖ୍‌ତକ୍ ସାଧାରଣ୍ ଲୁକ୍‌କର୍ ଲାଗି ଖୁଲା ରହେବା । ଇଥି ନୂଆଁ ଅପରାଧୀକ୍ ଆଇନ୍, ଫରେନ୍‌ସିକ୍ ତଦନ୍ତ, ଡିଜିଟାଲ୍ ପ୍ରମାଣ୍ ପରିଚାଲନା ଆଉ ଅପରାଧ୍ ସ୍ତର୍‌ନୁ ହାଇକୋର୍ଟତକ୍ ସବୁ ନ୍ୟାୟ ପ୍ରକ୍ରିୟା ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରାଯିବା ବଲି ପୁଲିସ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହିଳା ଜନଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ମହିଳାମାନ୍‌କର୍ ଅଧିକାର୍ କଲ୍ୟାଣ୍ ଆଉ ଅଲ୍‌ଗା ସମସ୍ୟା ସାଙ୍ଗେ ଜଡ଼ିତ ଅଭିଯୋଗ୍ ମାନ୍‌କର୍ ଶୁଣାଣି ଲାଗି ଗଲାକାଏଲ୍ ଜନଶୁଣାଣି କାର୍ଯ୍ୟକ୍ରମ୍ ହେଇଯାଇଛେ । ଜାତୀୟ ମହିଳା ଆୟୋଗ୍ ଆଉ ରାଜ୍ୟ ମହିଳା ଆୟୋଗ୍‌ର ମିଳିତ୍ ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ଲକ୍ଷ୍ମୀସାଗର୍ ନ ଥିବା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ସଭାଗୃହ ନ ମହିଳା ଆୟୋଗ୍‌ର ଅଧକ୍ଷା ଶୋଭ୍‌ନା ମହାନ୍ତିଙ୍କର୍ ଅଧକ୍ଷତାଥି ଇ ଜନଶୁଣାଣି କାର୍ଯ୍ୟକ୍ରମ୍ ହେଇଛେ । ଖୋର୍ଦ୍ଧା ଜିଲ୍ଲାର୍ ଭିନ୍ ଭିନ୍

ଇଲାକାନୁ ମୋଟ୍ ୮୬ ଟା ମାମ୍‌ଲାଥି ପକ୍ଷ ମାନ୍‌କୁ ନୋଟିସ୍ ଜାରି କରାଯାଇଥିବାର୍ ବେଳେ ସେଥିର୍‌ଭିତ୍‌ରୁ ୪୫ ଟା ମାମ୍‌ଲାର୍ ଶୁଣାଣି କରାଯାଇକରି ତାର୍ ତୁର୍‌ତି ସମାଧାନ୍ ଲାଗି ପଦକ୍ଷେପ୍ ନିଆଯାଇଛେ ।

ଜଲ୍‌ସମ୍ପଦ୍ ବିଭାଗ-ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଜଲ୍‌ସମ୍ପଦ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଓଡ଼ିଶା ନିର୍ମାଣ ନିଗମ୍ ଲିମିଟେଡ୍‌ର ଗୁଟେ ସମୀକ୍ଷା ବୈଠକ୍ ଭୁବ୍‌ନେଶ୍ୱର୍ ଓ.ସି.ସି.ଏଲ୍. ସମ୍ମିଲନୀ କକ୍ଷ ନ ହେଇଯାଇଛେ । ବୈଠକ୍‌ଥି ନିଗମ୍ ତର୍‌ଫୁ ପରିଚାଲିତ୍ ଭିନ୍ ଭିନ୍ ପ୍ରକଳ୍ପର୍ ଇହାଦେର୍ ସ୍ଥିତି ଆଉ ଭବିଷ୍ୟତ୍ କାର୍ଯ୍ୟପନ୍ଥା ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଛେ । ବହୁତ୍‌ଟେ ପ୍ରକଳ୍ପର ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇକରି କ୍ଷେତ୍ରସ୍ତରୀୟ ତଥ୍ୟ ଆଉ ରିପୋର୍ଟ ଉପସ୍ଥାପନ୍ କରିଥିଲେ । ବୈଠକ୍‌ଥି ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍ ଲାଗି ବରିଷ୍ଠ ଅଧିକାରୀମାନ୍‌କୁ ନିୟମିତ୍ ଭାବେ କ୍ଷେତ୍ର ପରିଦର୍ଶନ୍ କର୍‌ବାର୍

ଆଉ କାମ୍‌ର ଅଗ୍ରଗତି ବାବ୍‌ଦେ ନଜର୍ ରଖିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜାତୀୟ କଲା ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲଲିତ୍ କଲା ଏକାଡେମୀ ତର୍‌ଫୁ ରାଜ୍ୟ ସଂଗ୍ରହାଳୟ ପରିସର୍ ନ ଥିବା କଳିଙ୍ଗ ଆର୍ଟ ଗେଲେରୀ ଠାନେ ୨ ଦିନିଆ ଜାତୀୟ କଲା ସମ୍ମିଳନୀ ଉଦ୍‌ଘାଟିତ୍ ହେଇଯାଇଛେ । ସମ୍ମିଳନୀଥି ରାଜ୍ୟର୍ ଭିନ୍ ଭିନ୍ ଚାରୁ ଆଉ କାରୁ କଲା ମହାବିଦ୍ୟାଳୟର୍ ବହୁତ୍‌ଟେ ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ ।

ସାଇବର ଥାନା ବର୍‌ଗଡ୍‌/ ନୂଆପଡ଼ା ସମ୍ବାଦଦାତା

ବର୍‌ଗଡ୍ ସର୍‌କାରୀ ବସ୍‌ଷ୍ଟେଣ୍ଡ ପରିସର୍ ନ ସାଇବର୍ ଆଉ ଅର୍ଥନୈତିକ୍ ଅପରାଧ୍ ଥାନାର୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଛେ । ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆନୁ ଆଭାସୀ ଜରିଏ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍

ଉଦ୍‌ଘାଟନ୍ କରିଥିଲେ । ଇ ଥାନା ସାଇବର୍  ଆଉ ଅର୍ଥନୈତିକ୍ ଠକେଇ ରୁକ୍‌ବାର୍‌ଥି ସାହାଜ୍ କର୍‌ବା । କାର୍ଯ୍ୟକ୍ରମ୍‌ଥି ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ପୁଲିସ୍ ଆଇ.ଜି. ହିମାଂଶୁ ଲାଲ୍, ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।
ସେନ୍ତା ନୂଆପଡ଼ା ଠାନେ ଭିଲ୍ ସାଇବର୍ ଆଉ ଅର୍ଥନୈତିକ୍ ଅପରାଧ୍ ଥାନାର୍ ଆଭାସୀ ଜରିଏ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଅମ୍ରିତ୍ ପାଲ୍ ସିଂ ଉପସ୍ଥିତ୍ ଥିଲେ ।

ସିଙ୍ଗିଲ୍ ୱିଣ୍ଡୋ କମିଟିର୍ ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧକ୍ଷତାଥି ଜିଲ୍ଲା ସିଙ୍ଗିଲ୍ ୱିଣ୍ଡୋ କମିଟିର୍ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଖରିଆର୍ ରୋଡ଼୍ ନ ଥିବାର୍ ବର୍ଦ୍ଧମାନ୍ ଶୀତଲ୍‌ଭଣ୍ଡାର୍ ତର୍‌ଫୁ ଦାଖଲ୍ ହେଇଥିବା ଜମିର୍ କିସମ୍ ବଦ୍‌ଲାବାର୍ ପ୍ରସ୍ତାବ୍ ଗୃହୀତ୍ ହେଇଛେ । ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବିକାଶ୍ ନୀତି -୨୦୨୨ ଅଧୀନ୍‌ଥି ସିଲ୍‌ଦା ନ ଥିବା ଖାସ୍ ଶିଳ୍ପ ତର୍‌ଫୁ ଦାଖଲ୍ ହେଇଥିବା

୨୨ ଲାଖ୍ ନୁ ଅଏତ୍କା ଟଙ୍କାର୍ ପ୍ରସ୍ତାବ୍ ଭିଲ୍ ଗୃହୀତ୍ ହେଇଛେ । ଜିଲ୍ଲା ନ ଶିଳ୍ପ ବିକାଶ୍କେ ଆଗ୍କେ ବଢ଼ାବାର୍ ଆଉ ନିବେଶକ୍ ମାନ୍କୁ ସବୁ ପ୍ରକାରର୍ ସୁବିଧା ସୁଯୋଗ୍ ଯୁଗେଇ ଦେବାର୍ ଲାଗି ଭିନ୍ ଭିନ୍ ବିଭାଗ୍ ଭିତ୍ରେ ତାଲ୍ମେଲ୍ ରଖିବାର୍କେ ଜିଲ୍ଲାପାଲ୍ ଜୋର୍ ଦେଇଛନ୍ ।

ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା          ଆର୍ଏନ୍ୟୁ/ ସମ୍ବଲପୁର

ଛତିଶ୍ଗଡ଼୍ର ୩ ଟା ସହର୍ ନ ଆଏବା ୨୬ ତାରିଖ୍ନୁ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ଆୟୋଜିତ୍ ହେବା । ୭ ଟା କ୍ରୀଡ଼ା ବର୍ଗଥି ଇ ପ୍ରତିଯୋଗିତା ହେବା ବଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍ସୁଖ୍ ମାଣ୍ଡଭିୟ ଘୋଷ୍ନା କରିଛନ୍ । ପହେଲା ସଂସ୍କରଣ୍ଥି ମଲ୍ଖମ୍ ଆଉ କବାଡ଼ି ୨ଟା ପ୍ରଦର୍ଶନୀ ଖେଲ୍ ରହେବା ପ୍ରତିଯୋଗିତା ଏପ୍ରିଲ୍ ୬ ତାରିଖ୍ ଦିନ ଉଦ୍ଯାପିତ୍ ହେବା ।

ପାଣିପାଗ          ଆର୍ଏନ୍ୟୁ/ ସମ୍ବଲପୁର

ସମୁଦ୍ରଖଁଡ଼ି, ଆଭ୍ୟନ୍ତରିଣ ଆଉ ଉତର୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏବା ୩ ଦିନ୍ ଭିତ୍ରେ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।